# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୨୨/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, September 22/2021 | ★★

୧୭ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



DSPL - 150

ଓଡ଼ିଶା ସରକାର

ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

ବଲାଙ୍ଗିର ଜିଲ୍ଲାରେ

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର**

ନୂଆ ସ୍ମାର୍ଟ କାର୍ଡ଼ ବଣ୍ଟନର ଶୁଭାରମ୍ଭ








ଏବଂ ବିଭିନ୍ନ ପ୍ରକଳ୍ପର

**ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

**ବଲାଙ୍ଗିର ॥ ଟିଟିଲାଗଡ଼ ॥ ପାଟଣାଗଡ଼**

୨୨ ସେପ୍ଟେମ୍ବର ୨୦୨୧











OIPR-10001/13/0039/2122

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୨୨ ସେପ୍ଟେମ୍ବର ,୨୦୨୧



## ସିପିଆଇଏମ୍‌ର ସାଙ୍ଗଠନିକ କମିଟି ବୈଠକ

ସୁନ୍ଦରଗଡ଼,(ଡି.ଏନଏ)ସିପିଆଇଏମ ସୁନ୍ଦରଗଡ ଆଞ୍ଚଳିକ ସାଙ୍ଗଠନିକ କମିଟିର ବୈଠକ ସୋମବାର ଆଳାପକାଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଳାପକା ଶାଖା ସମ୍ପାଦକ ପ୍ରଫୁଲ ମିଞ୍ଜ ସଭାପତିତ୍ୱ କରିଥିବାବେଳେ ସୁନ୍ଦରଗଡ଼ ଜିଲା ସମ୍ପାଦକ ବିମାନ ମାଇତି ବୈଠକ ପରିଚାଳନା କରିବା ସହିତ ଭାଜପା ନେତୃତ୍ୱାଧୀନ ନରେନ୍ଦ୍ର ମୋଦି ସରକାର କଳା କୃଷି ବିଲ, ଶ୍ରମିକ ମାରାଣ ନୀତି, ଡିଜେଲ, ପେଟ୍ରୋଲ ଦରଦାମ ବୃଦ୍ଧି ଓ ବିଦ୍ୟୁତ ବିଲ ପ୍ରତ୍ୟାହାର ଦାବିକୁ ନେଇ ଉଦ୍‌ବୋଧନ ଦେଇଥିଲେ। ଆସନ୍ତା ୨୭ସେପ୍ଟେମ୍ବର ହେବାକୁ ଥିବା ଭାରତ ବନ୍ଦକୁ ସଫଳ କରିବାକୁ ଆହ୍ୱାନ କରିଥିଲେ। ଆଶା କର୍ମୀ ସଂଗଠନର ସମ୍ପାଦକ ହୃଦୟାନନ୍ଦ ଯାଦବ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ପଦଯାତ୍ରା

## ସୁନ୍ଦରଗଡରେ ଏମ୍ସ ପ୍ରତିଷ୍ଠା ଦାବି

**ସୁନ୍ଦରଗଡ, ୨୧।୯ (ଡି.ଏନ୍.ଏ.)**

ସୁନ୍ଦରଗଡ଼ଠାରେ ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବି ନେଇ ମଙ୍ଗଳବାର ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ତରଫରୁ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ସୁନ୍ଦରଗଡ଼ ଜିଲା ସଭାପତି ଦିନେଶ ପଟେଲ ଓ ଆହ୍ୱାହକ ସୌମ୍ୟରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ମିଶନଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାକୁ ସମର୍ଥନ ଜଣାଇ ଜିଲା ଓକିଲ ସଂଘ, ଏମ୍ସ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି, ଜିଲା କଂଗ୍ରେସ ଓ ଭାଜପା ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ସୁନ୍ଦରଗଡ଼ର ଶ୍ମଶାନ ବନ୍ଧୁ ତଥା ସାଧାରଣ ନାଗରିକ ସାମିଲ ଥିଲେ। ସୁନ୍ଦରଗଡ ଠାରେ ଏମ୍ସ ପ୍ରତିଷ୍ଠା ନେଇ ଯୁବା ମଞ୍ଚ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୃଥକ୍ ଭାବେ ୨ଟି ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଯୁବାମଞ୍ଚର ଏହି ପଦଯାତ୍ରାକୁ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ଏକ ପ୍ରଶଂସନୀୟ କାର୍ଯ୍ୟ ବୋଲି ସମର୍ଥନ ଜଣାଇବା ସହ ଜନସ୍ୱାର୍ଥ ନିହିତ ଏହି ଦାବି ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଜଣାଇବେ ବୋଲି କହିଥିଲେ।



ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ କର୍ମକର୍ତ୍ତା ଓ ଜନସାଧାରଣଙ୍କ ପଦଯାତ୍ରା, ଧାରଣା।

## ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ, ୨ଗିରଫ

**ରାଉରକେଲା ଅଫିସ,୨୧।୯**

ଯାତ୍ରୀବାହୀ ଟ୍ରେନରେ ଗଞ୍ଜେଇ ଚାଲାଣ ବେଳେ ୨ଜଣ ଧରାପଡିଛନ୍ତି। ସେମାନେ ହେଲେ କନ୍ଧମାଳ ଜିଲା ବେଥନିପଡ଼ା ଗ୍ରାମର ଶ୍ରୀରାମ ବେହେରା(୨୮) ଓ ଦିଶାନ୍ତ କହର(୨୫)। ରେଲୱେ ପୋଲିସ ସେମାନଙ୍କୁ ଅବକାରୀ ବିଭାଗକୁ ହସ୍ତାନ୍ତର କରିବା ପରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

ସୋମବାର ରାତି ସାଢ଼େ ୯ଟାରେ ସିକନ୍ଦରାବାଦ-ଛାପ୍ରା ଏକ୍ସପ୍ରେସ ଝାରସୁଗୁଡ଼ାରୁ ରାଉରକେଲା ଅଭିମୁଖେ ଆସୁଥିଲା। ଟ୍ରେନ୍‌ର ସାଧାରଣ ବଗିରେ ଶ୍ରୀରାମ ଓ ଦିଶାନ୍ତ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦୁଇଟି ବ୍ୟାଗ୍ ଧରି ଟାଟା ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ରେଲୱେ ପୋଲିସ ଝାରସୁଗୁଡାରୁ ପିଛା କରି ଯାଞ୍ଚ କଲାବେଳେ ଏହି ଗଞ୍ଜେଇ ବ୍ୟାଗ ଧରାପଡ଼ିଥିଲା। ଦୁଇଟି ବ୍ୟାଗରେ ସମୁଦାୟ ୨୮କେଜି ଗଞ୍ଜେଇ ଥିବା ଜଣାପଡ଼ିଛି।

## ଯୁବନେତାଙ୍କ ନାଁରେ ଅଭିଯୋଗ କଲେ ଯୁବତୀ

**ବଡ଼ଗାଁ,୨୧।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳର ଜଣେ ଯୁବତୀ ଅଞ୍ଚଳର ଜଣେ ଯୁବନେତାଙ୍କ ନାମରେ ସଙ୍ଗିନ ଅଭିଯୋଗ ଉଠାଇ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଯୁବନେତା ଯୁବତୀଙ୍କ ଘରକୁ ଯାଇ ତାଙ୍କୁ ବାହାହେବାକୁ ଅଡ଼ିବସିଥିଲେ। ଏହାପରେ ଯୁବତୀଙ୍କୁ ନେଇ ବିଭିନ୍ନ ସ୍ଥାନରେ ରଖିଥିଲେ ଓ ବିବାହ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯୁବତୀ ନିଜ ଘରକୁ ଫେରିବା ପରେ ତାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିବେ ନାହିଁ କହିବାରୁ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ରେଙ୍ଗାଲମାଲରେ ଭାଗବତ ଜନ୍ମ ପାଳିତ


ରୁନଗାଁ ରାସ ମଣ୍ଡପଠାରେ ଭାଗବତ ପାଠ କରାଯାଉଛି।

**ବଡ଼ଗାଁ,୨୧।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଲମାଲ ଗ୍ରାମରେ ସ୍ଥାନୀୟ ମା' ଲକ୍ଷ୍ମୀ ଯୁଥ କ୍ଲବ ଓ ଭାଗବତ ପ୍ରେମୀଙ୍କ ଦ୍ୱାରା ଭାଗବତ ଜନ୍ମ ଓ ଇନ୍ଦ୍ର ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଶ୍ରାବଣ ପୂର୍ଣ୍ଣିମା ଠାରୁ ଭାଦ୍ରବ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧ମାସ ରୁନଗାଁ ରାସ ମଣ୍ଡପଠାରେ ପ୍ରତିସନ୍ଧ୍ୟାରେ ଭାଗବତ ପାଠ ଓ ଭଜନ ପରିବେଶିତ ହୋଇଥିଲା। ଭାଗବତ ଜନ୍ମ ଅବସରରେ ଅହୋରାତ୍ର ଭାଗବତ ପାଠ ସହିତ ସଂକୀର୍ତ୍ତନ କରାଯାଇଥିଲା ଓ ପୂର୍ଣ୍ଣାହୂତି ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ମୁକ୍ତେଶ୍ୱର ରାଉତ, ପାଲା ଗାୟକ ନରେନ୍ଦ୍ର ବାରିକ, ବାୟକ ବିଷ୍ଣୁଧର ବାରିକ, ଅଗ୍ନିଧର ରାଉତ, ଫିରୋଜ ଦାସ, ଚୁଡ଼ାମଣୀ ରାଉତ, ବୈକୁଣ୍ଠ ରାଉତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମାପନ ହୋଇଥିଲା।

## ସଂକ୍ଷେପରେ

### ବିରୁଡ଼ି କିଟ ଆକ୍ରମଣରେ ଗୁରୁତର ମହିଳାଙ୍କ ମୃତ୍ୟୁ

**ଦେବଗଡ଼,୨୧।୯ (ଡି.ଏନ୍.ଏ):** ଦେବଗଡ଼ ଥାନା ଅନ୍ତର୍ଗତ କୁଶପଙ୍ଗା ଗ୍ରାମର ଜଣେ ମହିଳାଙ୍କ ବିରିଡି କିଟ ଆକ୍ରମଣରେ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଗତ ଶନିବାର କୁଶପଙ୍ଗା ଗ୍ରାମର ଭରତ ବଣିଚୁଲ ଓ ତାଙ୍କ ସ୍ତ୍ରୀ ପ୍ରେମ (୪୬) ଗ୍ରାମ ନିକଟସ୍ଥ କଦଳିପାଳ ରାସ୍ତା କଡରେ ଥିବା ଷଣ୍ଢଭୂଇଁ ବୁଦା ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ବିରୁଡି ଦଳ ହଠାତ ଆକ୍ରମଣ କରିଥିଲେ। ଫଳରେ ଉଭୟ ସ୍ୱାମୀସ୍ତ୍ରୀ ଗୁରୁତର ହୋଇ ଗ୍ରାମବାସୀଙ୍କ ସହାୟତାରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ପ୍ରେମଙ୍କ ମୃତ୍ୟୁ ଘଟିଛି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ପାଇ ଦେବଗଡ଼ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୧୨ଶ୍ରମିକ ଚେନ୍ନାଇରେ ପ୍ରତାରିତ

**ବଡ଼ଗାଁ,୨୧।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମର ୪ଜଣ ଓ ରାଏବଗା ଥାନା ସଲଙ୍ଗାବାହାଲ ଗ୍ରାମର ୮ଜଣ ଶ୍ରମିକଙ୍କୁ ପାମରା ଗ୍ରାମର ଜଣେ ବ୍ୟକ୍ତି ଚେନ୍ନାଇରେ କାମ ଯୋଗାଇ ଦେବାକୁ କହି ନେଲାପରେ ସେଠାରେ ଶ୍ରମିକମାନେ ପ୍ରତାରଣା, ନିର୍ଯାତନାର ଶିକାର ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପାମରା ଗ୍ରାମର ଅମିତ ଖୁଣ୍ଟିଆ କଣ୍ଟିଆମୁରା ଗ୍ରାମର କୁମରମଣୀ ଲାକ୍ରା, ମନୋଜ କିସାନ, କେଶବ ବାଡ଼ା, ପ୍ରକାଶ କିସ୍‌ପଟ୍ଟା ଏବଂ ସଲଙ୍ଗାବାହାଲ ଗ୍ରାମର ସୁମିତ ବାଗେ, ରାମପ୍ରସାଦ କମାର, ବେଣୁ ରାଉତ, ବବଲୁ ସାହୁ, ସୁଲେମନ କିସ୍‌ପଟ୍ଟା, ରାଜା ରାଉତ, ପ୍ରଶାନ୍ତ ସୋରେଙ୍ଗ, ବିକାଶ ସୋରେଙ୍ଗଙ୍କୁ ନେଇ ଚେନ୍ନାଇର ଏକ କମ୍ପାନୀରେ କାମ ଯୋଗଇ ଦେଇଥିଲେ ଓ ସେଠାରୁ ନିଜ ଗାଁ ଫେରି ଆସିଥିଲେ। ସେଠାରେ ଗୋଟିଏ ଦିନ କାମ କଲାପରେ ସମସ୍ତ ଶ୍ରମିକଙ୍କ ମୋବାଇଲ, ଆଧାରକାର୍ଡ ନେଇ ଦେଇ ନ ଥିଲେ। ଶ୍ରମିକଙ୍କୁ ମାଡ଼ପିଟ କରିବା ସହିତ ଭଲ ଖାଇବାକୁ ଦେଇ ନ ଥିଲେ। ମାସେ ପୂରିବା ପରେ ଦରମା ଦେଇ ନ ଥିଲେ କିମ୍ବା ଘରକୁ ଫେରିବାକୁ ଦେଇ ନ ଥିଲେ। ଶ୍ରମିକମାନେ ପ୍ରତାରଣାର ଶିକାର ହୋଇଥିବା ଜାଣିପାରି ସେଠାରୁ ଲୁଚି ଗାଁକୁ ଫେରିବା ପରେ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି।

### ମହିଳା ସଫେଇ କର୍ମଚାରୀ ଜିଲାପାଳଙ୍କ ଦ୍ୱାରସ୍ଥ

**ବଡ଼ଗାଁ, ୨୧।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଷ୍ଟେଟ ବ୍ୟାଙ୍କରେ ସଫେଇ କର୍ମଚାରୀ ଭାବେ କାମ କରି ଆସିଥିବା ବଡ଼ଗାଁର ସୀତା କଲେତଙ୍କୁ ବହିଷ୍କାର କରାଯିବାରୁ ସେ ଜିଲାପାଳଙ୍କୁ ଲିଖିତ ଜଣାଇଛନ୍ତି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବ୍ୟାଙ୍କରେ ଝାଡୁଦାର ଓ ପାଇଖାନା ସଫା କାମ କରିଆସୁଥିଲି। ମାସେ ହେଲା କାର୍ଯ୍ୟରୁ ବାହାର କରିଦିଆଯାଇଛି। ମୋର ଶ୍ୱଶୁର ପ୍ରଥମରୁ ବ୍ୟାଙ୍କରେ ସଫେଇ କାମ କରିଆସୁଥିଲେ। ମୋର ଶ୍ୱଶୁରଙ୍କ ମୃତ୍ୟୁ ପରେ ସନ୍ତୋଷ ସାଙ୍କୁ ରଖାଯାଇଥିଲା। ସେ କାର୍ଯ୍ୟରୁ ଅବସର ନେବା ପରେ ମୁଁ ବ୍ୟାଙ୍କ ମ୍ୟାନେଜରଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତି ଦେବାକୁ କହିଲି। କିନ୍ତୁ ମୋ କଥା ଶୁଣାଗଲା ନାହିଁ। ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବାରୁ ତାଙ୍କ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ଓ ପରିବାର ଚଳାଇବା କଷ୍ଟକର ହେଉଛି। ଯଦି ଦୈନିକ ୨ଶହ ଟଙ୍କା ପୂର୍ବଭଳି ଦେଇ କାର୍ଯ୍ୟରେ ଲଗାଇଲେ ପରିବାର ପ୍ରତିପୋଷଣ କରିପାରନ୍ତି ଜଣାଇ ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି।

### ଅଡଗୁରୁ ଲାକୋ ବଦ୍ରାଙ୍କ ଜନ୍ମ ଉତ୍ସବ ପାଳିତ

**ଲହୁଣୀପଡ଼ା, ୨୧।୯(ଡି.ଏନ.ଏ.)-** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତର ବରସୁଆଁଠାରେ ଅବସ୍ଥିତ କଲ୍ୟାଣ ମଣ୍ଡପଠାରେ ଅଡ଼ଗୁରୁ ଲାକୋ ବଦ୍ରାଙ୍କ ୧୦୨ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହା ଆଦିବାସୀ ହୋ ସମାଜ ପକ୍ଷରୁ ପାଳନ କରାଯାଇଥିବାବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବରେ ରାଖୀ ଏକଲା, ଜୟରମ ପିଙ୍ଗୁଆ, ଇନ୍ଦୁରାଇ ହେମ୍ରମ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଅଡଗୁରୁ ଲାକୋ ବଦ୍ରାଙ୍କ ଫଟୋଚିତ୍ରରେ ଦୀପଧୂପ ଓ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ରୋଲେସିକା ଅଧକ୍ଷତା କରିଥିଲେ। ପବିତ୍ର ଶିକା, ବାଗୁନ ଗାଗରାଇ, ବୁଧୁରାମ ହନହାଗା, ସିଦାହନା, ସୁଶାର ଏକଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶସ୍ୟକଳା ଓ ଭୁଡୁଡା ପଞ୍ଚାୟତର ଆଦିବାସୀ ହୋ ସମାଜର ମହିଳା ପୁରୁଷ ଉପସ୍ଥିତ ଥିଲେ।

## ଡମ୍ଫର ଧକ୍କାରେ ସ୍କୁଟି ଚାଳକ ମୃତ

**ରାଉରକେଲା ଅଫିସ,୨୧।୯**

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ରୋଡ୍‌ରେ ମଙ୍ଗଳବାର ଏକ ଡମ୍ଫର ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଜୟ ବେହେରା (୧୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ଦୁର୍ଘଟଣା ଘଟାଇଥିବା ଡମ୍ଫର ଚାଳକ ମହମ୍ମଦ ସକିଲଙ୍କୁ ଗିରଫ କରାଯାଇଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ.୧୮୨/୨୧) ରୁଜୁ ହୋଇଛି।

ସକାଳ ସାଢ଼େ ୮ଟା ସମୟରେ ବିଜୟ କୌଣସି କାମ ପାଇଁ ସ୍କୁଟି (ନଂ.ଓଡ଼ି୧୪ଏସ୍/୦୧୨୬) ଯୋଗେ ବେଦବ୍ୟାସମନ୍ଦିରରୋଡ୍‌ରୁରାଉରକେଲା ଯାଉଥିଲେ। ଏହି ସମୟରେ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଏକ ଡମ୍ଫର (ନଂ.ଏନ୍ଏଚ୍୧୯ଜେଡ୍/୩୮୨୬) ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ବିଜୟ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ତାଙ୍କ ଛାତି ଓ ମୁଣ୍ଡରେ ଜୋର୍‌ରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କେସରମାଲ କିଷାନ ସମାଜର ନିର୍ବାଚନ

**ରାଜଗାଙ୍ଗପୁର, ୨୧।୯ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକର କେସରମାଲ ପାରିସ ଅଞ୍ଚଳ ଆଦିବାସୀ ସମ୍ପ୍ରଦାୟର କିଷାନ ସମାଜର ନିର୍ବାଚନ କେସରମାଲ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ କମିଟିର ଅଧ୍ୟକ୍ଷ ରୂବେନ ଲାକ୍ରାଙ୍କ ନେତୃତ୍ୱରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ କିଷାନ ସମାଜର ବହୁ ସଦସ୍ୟ ଯୋଗ ଦେଇଥିଲେ। ପ୍ରଥମେ ସମାଜର ବିଭିନ୍ନ ନିୟମ ଓ ପ୍ରଥା ଉପରେ ଆଲୋଚନା ହୋଇଥିଲା। ସମାଜର ଉନ୍ନତି ପାଇଁ ମତଦିଆଯାଇଥିଲା। ତା'ପରେ ନିର୍ବାଚନ ଅନୁଷ୍ଠିତ ହୋଇ ସମାଜର ମୁଖ୍ୟ ବେଲ (ରାଜା) ଭାବେ ମାତିଆସ ଏକ୍କା, ଦେୱାନ ପଦରେ ସୁଧିର ଡାମିଆନ ଏକ୍କା, ସମ୍ପାଦକ ଭାବେ ଅଜିତ କୁଜୁର, ସହ ସମ୍ପାଦକ ଭାବେ ଅର୍ଜୁନ କୁଜୁର, କୋଷାଧ୍ୟକ୍ଷ ଆଲେକ୍ସିଉସ ଏକ୍କା, ଚୌକିଦାର ଭାବେ ସିଲବାନୁସ କୁଜୁର ପ୍ରମୁଖ ନିର୍ବାଚିତ ହୋଇଥିଲେ। ନବ ନିର୍ବାଚିତ ପଦାଧିକାରୀମାନଙ୍କୁ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ସମାଜର ଉନ୍ନତି ପାଇଁ କାର୍ଯ୍ୟ ସମ୍ପାଦନ କରିବେ ବୋଲି ନବ ନିର୍ବାଚିତ ପଦାଧିକାରୀ, କର୍ମକର୍ତ୍ତାମାନେ କହିଛନ୍ତି।

## ଅଙ୍ଗନୱାଡି କର୍ମଚାରୀ ମହାସଂଘର ୫ ଦଫା ଦାବିପତ୍ର



ଜିଲାପାଳ ଅଫିସ ସମ୍ମୁଖରେ ଅଙ୍ଗନୱାଡି କର୍ମଚାରୀ ମହାସଂଘ କର୍ମକର୍ତ୍ତା।

**ଦେବଗଡ, ୨୧।୯ (ଡି.ଏନ.ଏ.)**

ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ସହ ଅନ୍ୟ କେତେକ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘ ଦେବଗଡ ଜିଲା ଶାଖା। ମଙ୍ଗଳବାର ଭାରତୀୟ ମଜଦୁର ସଂଘ ଦେବଗଡ ଜିଲା ସଭାପତି ନେତ୍ରମଣି ବେହେରାଙ୍କ ନେତୃତ୍ୱରେ ଏ ନେଇ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୧୮ ହଜାର ଏବଂ ସହାୟିକାଙ୍କୁ ୯ ହଜାର ଟଙ୍କା ଦରମା ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ଦାବି କରାଯାଇଛି। ଏଥିପୂର୍ବରୁ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆସିଥିଲେ।

## ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କଲେ ଦିଲୀପ ରାୟ

**ରାଉରକେଲା ଅଫିସ,୨୧।୯**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ବିଧାୟକ ଦିଲୀପ ରାୟ ମଙ୍ଗଳବାର ରାଉରକେଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଛେଣ୍ଡ ସ୍ଥିତ ଭଗବତୀ ମନ୍ଦିର ପ୍ରାର୍ଥନା ଗୃହକୁ ସେ ଲୋକାର୍ପଣ କରିଛନ୍ତି। ସେହିପରି ବାଗୁଡ଼ି ବସ୍ତିରେ ୩ଲକ୍ଷ ଟଙ୍କା ବ୍ୟୟରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଛେଣ୍ଡ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ ପ୍ରକୋଷ୍ଠ ଗୃହ, ମଧୁସୂଦନ ପାଠାଗାର ସଭାଗୃହ ଓ ମଧୁମୂର୍ତ୍ତିକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାୟ ଲୋକାର୍ପିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରିହର ରାଉତରାୟ, ରମେଶ ବଳ, ରଣଜିତ ନାୟକ, ହରହର ସାମଲ, ଭବାନି କବି, ସବିତା ଖାତୁନ, ରମେଶ ବଳ, ଦେବାଶିଷ ଲେଙ୍କା, ଜେଷ୍ଟଲ ପରିଡ଼ାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଇଲମାରେ ଭାଗବତ ପାରାୟଣ


ବାଇଲମା ଠାରେ ଭାଗବତ ପାଠ କରାଯାଉଛି।

**କୁତ୍ରା, ୨୧।୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବାଇଲମା ଠାରେ ସାତଦିନ ବ୍ୟାପି ଚାଲିଥିବା କ୍ଷତିଜ୍ୟୋତି ଆଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗା କଟକ ଆନୁକୂଲ୍ୟରେ ଶ୍ରୀଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କର ୬୭ତମ ଶୁଭ ଆର୍ବିଭାବ ମହୋତ୍ସବ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମ ଶାଖା ପରିଚାଳକ ଶିବଶଙ୍କର ମିଞ୍ଜଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୩ ତାରିଖ ପ୍ରଥମେ କଳସ ଶୋଭାଯାତ୍ରା ହୋଇ ଭାଗବତ ପାଠ କରାଯାଇଥିଲା। ମଙ୍ଗଳବାର ହୋମଯଜ୍ଞ ପରେ କଳସ ବିସର୍ଜନ କରାଯାଇଛି। ଏହି ଅବସରରେ ସଭାପତି ଦୁଷ୍ମନ୍ତ ଭୋଇ, ଉପସଭାପତି ସରସତୀ ଅପା, ସମ୍ପାଦକ ଶରତ ଚନ୍ଦ ଭୋଇ, କୋଷାଧ୍ୟକ୍ଷ ମନ୍ଦର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଦନ୍ତାହାତୀ ମୃତ

**ସୁନ୍ଦରଗଡ,୨୧।୯(ଡି.ଏନ.ଏ.)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ତେନ୍ତୁଲିଆଟୋଲି ଠାରେ ସୋମବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଦନ୍ତାହାତୀ ମରିଥିବା ସ୍ଥାନ ଓଡିଶା ସୀମାଠାରୁ ପ୍ରାୟ ୧୫ କିମି ଦୂର ହେବ। ମଙ୍ଗଳବାର ସକାଳେ ଖବରପାଇ ଘଟଣାସ୍ଥଳରେ ଝାଡ଼ଖଣ୍ଡ ବନ ବିଭାଗ ପହଞ୍ଚି ତଦନ୍ତ କରି ହାତୀର ମୃତଦେହ ବ୍ୟବଚ୍ଛେଦ କରିଛି।

## ଚିନ୍ତା ବଢ଼ାଉଛି ମାଙ୍କଡ ଉପଦ୍ରବ

**ଦେବଗଡ, ୨୧।୯(ଡି.ଏନ.ଏ.)**

ଦେବଗଡ ପୌରାଞ୍ଚଳରେ ମାଙ୍କଡ ଉପଦ୍ରବ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ବିଭିନ୍ନ ସମୟରେ ମାଙ୍କଡଙ୍କ ଆକ୍ରମଣର ଶିକାର ହେଉଛନ୍ତି ସହରବାସୀ। ହେଲେ ଜିଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଦେବଗଡ ଜିଲା ଭାଜପା ଏସ୍‌ସି ସେଲ ପକ୍ଷରୁ ଜିଲାପାଳ ସୁଧାଂଶୁ ମୋହନ ସାମଲ ଏବଂ ଜିଲା ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମାଙ୍କଡ ଦାଉରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଏଥିରେ ଦାବି କରାଯାଇଛି। ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ନଗର ସଭାପତି ଶତ୍ରୁଘ୍ନ ପାତ୍ର, ସାଧାରଣ ସମ୍ପାଦକ ମକରଧ୍ୱଜ ହସ୍ତୀ, ନଗର ଉପସଭାପତି ସୁକେନ ମୁଖୀ, ରାଜେଶ କୁମାର ନାଏକ, ରାଜୀବ ପାତ୍ର, ସୁମନ୍ତ ଭୋଇ, ମିକୁ ପାତ୍ର, ଜିଲା ଏସ୍‌ସି ମୋର୍ଚ୍ଚା ଉପସଭାପତି ଶିବା ମୁଖୀ, ସାଧାରଣ ସମ୍ପାଦକ ଦେଭାନନ୍ଦ ନାଏକ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ଦେବଗଡ ପୌରାଞ୍ଚଳକୁ ପଧାନପାଟ ସଂରକ୍ଷିତ ଜଙ୍ଗଲରୁ ଶହଶହ ମାଙ୍କଡ ଖାଦ୍ୟ ଅନ୍ୱେଷଣରେ ପଶି ଆସୁଛନ୍ତି। ସହରର ବିଭିନ୍ନ ଛକ ଓ ସାହିରେ ସେମାନେ ଦଳଦଳ ହୋଇ ଘୁରି ବୁଲୁଛନ୍ତି। ଚାଳ ଛପର, ଆଜବେଷ୍ଟସ ଘର ଉପରେ ଡିଆଁ ମାରି ସେମାନେ କ୍ଷତି ପହଞ୍ଚାଉଛନ୍ତି। ପନିପରିବା ଫସଲ ଖାଇ ନଷ୍ଟ କରୁଛନ୍ତି। ମାଙ୍କଡ ଆକ୍ରମଣରେ ଅନେକ ସମୟରେ ଲୋକେ ଲହୁଲୁହାଣ ହେଉଥିବା ଅଭିଯୋଗ ହୋଇ ଆସୁଛି। ମାତ୍ର ଜିଲା ପ୍ରଶାସନ କିମ୍ବା ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନ ନେଇ ନୀରବଦ୍ରଷ୍ଟା ସାଜିଛି। ଦାବିପତ୍ର ଗ୍ରହଣ କରି ଉଭୟ ଅଧିକାରୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ପ୍ରତିଶ୍ରୁତି ମୁତାବକ ଜିଲା ପ୍ରଶାସନ ଉଚିତ ପଦକ୍ଷେପ ନ ନେଲେ ଭାଜପା ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି।


ଜିଲାପାଳ ଅଫିସ ସମ୍ମୁଖରେ ଦାବିପତ୍ର ଦେବାକୁ ଆସିଥିବା ଭାଜପା ଏସ୍‌ସି ମୋର୍ଚ୍ଚା କର୍ମକର୍ତ୍ତା।

**ଦେବଗଡ ପୌରାଞ୍ଚଳ**
- ଜିଲାପାଳ, ବନଖଣ୍ଡ ଅଧିକାରୀଙ୍କୁ ଭାଜପା ଏସ୍‌ସି ମୋର୍ଚ୍ଚାର ଦାବିପତ୍ର
- ପ୍ରଶାସନ ଧ୍ୟାନ ନଦେଲେ ଆନ୍ଦୋଳନ କରାଯିବ

## ଆହତଙ୍କ ଚିକିତ୍ସା କଲେ ସ୍ୱେଚ୍ଛାସେବୀ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଚୈତନ୍ୟ ପୁଟେଲ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ବାମହାତ ଭାଙ୍ଗି ଯାଇଛି । ଆର୍ଥିଭାବରୁ ତାଙ୍କର ଚିକିତ୍ସା ହୋଇ ପାରୁ ନ ଥିଲା । ଏ ନେଇ ସେ ଗ୍ରାମର ବିଜୁ ଛାତ୍ରଜନତା ଦଳ ସଦସ୍ୟ ପିଣ୍ଟୁ ବଗାର, ଝସକେତନ ମହାନନ୍ଦ, ବିକ୍ରମ ନନ୍ଦଙ୍କୁ ଜଣାଇଥିଲେ। ଏହାପରେ ସମ୍ପୃକ୍ତ ଯୁବକମାନେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କ ପରାମର୍ଶକ୍ରମେ ଚୈତନ୍ୟଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ନେଇ ଚିକିତ୍ସା କରାଇଥିଲେ।

**ସଂକ୍ଷେପରେ**

## ବାହାରିଲା ସ୍ମାର୍ଟକାର୍ଡ ବଣ୍ଟନ ଚେତନା ରଥ



ଲୋଇସିଂହା,୨୧।୯(ଡି.ଏନ.ଏ.) ରାଜ୍ୟ ସରକାରଙ୍କ ତରଫରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟକାର୍ଡ ବଣ୍ଟନ ଉପରେ ଏକ ଜନ ଚେତନା ରଥ ବାହାରିଛି। ବ୍ଲକ ଅଫିସରୁ ବାହାରିଥିବା ଉକ୍ତ ରଥକୁ ସବୁଜ ପତାକା ଦେଖାଇ ବିଡିଓ ରାମଚନ୍ଦ୍ର ଖାଡିଆ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଏବିଡିଓ ବିଜୟ ହୋତା, ଝାରମୁଣ୍ଡା ସରପଞ୍ଚ ସୁନୀଲ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ । ବ୍ଲକର ୨୦ଟି ଯାକ ପଞ୍ଚାୟତର ୧୦୯ ଖଣ୍ଡ ଗ୍ରାମରେ ଏହି ପରିକ୍ରମା କରି ଜନସଚେତନତା ସୃଷ୍ଟି କରିବ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ଉକ୍ତସ୍ମାଟ କାର୍ଡ ବଣ୍ଟନ ପାଇଁ ବ୍ୟାପକ ପ୍ରସ୍ତୁତି ଅଭିଯାନ ଚଳାଇଛନ୍ତି।

## କଣ୍ଡାମାଳଠାରେ କୃଷକ ସମ୍ମିଳନୀ

ଗୋଲାମୁଣ୍ଡା,୨୧।୯(ଡି.ଏନ.ଏ): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କଣ୍ଡାମାଳ ଗ୍ରାମରେ ଆଇସିସି ମିଶନ ସୁନେହେରା କଲ ପ୍ରକଳ୍ପ ଆନୁକୂଲ୍ୟରେ ସର୍ବ ସେବା ସମିତି ସଂସ୍ଥା ତରଫରୁ କୃଷକ ସମ୍ମିଳନୀ ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ କୃଷି ସମ୍ପ୍ରସାରଣ ଅଧିକାରୀ ଗଣପତି ନାଏକ, ପ୍ରକଳ୍ପର ଜିଲା ସଂଯୋଜକ ପ୍ରଦ୍ୟୁମ୍ନ କୁମାର ସା ଯୋଗଦେଇ ଧାନ, କପା, ମୁଗ, ବିରି ଆଦି ପ୍ରମୁଖ ଫସଲରେ ବୈଜ୍ଞାନିକ ଚାଷ ପଦ୍ଧତି ଅବଲମ୍ବନ କରି କମ ଖର୍ଚ୍ଚରେ ଅମଳ ବୃଦ୍ଧି କରିବା, ରୋଗ ପୋକ ନିୟନ୍ତ୍ରଣ, ଘାସ ଦମନ, ଖାଦ୍ୟସାର ପରିଚାଳନା ତଥା ବିଭିନ୍ନ କୃଷି ସମ୍ବନ୍ଧୀୟ ଯୋଜନାର ଲାଭ ନେବା ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଚୈତନ୍ୟ ପୁଟେଲଙ୍କ କ୍ଷେତକୁ ଯାଇ ଚାଷୀମାନେ ପ୍ରଦର୍ଶନୀ କ୍ଷେତ୍ରକୁ ପରିଦର୍ଶନ କରିଥିଲେ । କଣ୍ଡାମାଳ, ବୋରିଗୁମା ଏବଂ କୁହୁରା ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସର୍ବ ସେବା ସମିତି ସଂସ୍ଥାର କ୍ଷେତ୍ର ସଂଯୋଜକ ଭୋଳାମଣି ବାଗ ଓ କୁବେର ବୁଡେକ ପରିଚାଳନା କରିଥିଲେ ।

## ଭୀମକେଲାରେ ଭାଗବତ ଜନ୍ମ ପାଳିତ

ପଲମ,୨୧।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭୀମକେଲା ପଞ୍ଚାୟତସ୍ଥିତ ଭୀମକେଲା ଗ୍ରାମରେ ସୋମବାର ଭାଗବତ ଜନ୍ମ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ରାମେଶ୍ୱର ମହାଦେବ ପୀଠରେ ପୂଜକ ଲଳିତ ମୋହନ ଥନାପତି ଶ୍ରୀମଦ ଭାଗବତର ପୂଜାର୍ଚ୍ଚନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ତଥା ପୁରାଣ ଗାୟକ ଶେଷଦେବ ପୋଡ, ଝଜ ସା, ଭୁବନେଶ୍ୱର କରୁଆଁ ପର୍ଯ୍ୟାୟ କ୍ରମେ ଭାଗବତ ପଠନ ସହ ଏହାର ସାରମର୍ମ ଶ୍ରଦ୍ଧାଳୁମାନଙ୍କୁ ଶୁଣାଇଥିଲେ । ଏହି ଉତ୍ସବରେ ଭାଗବତ ପ୍ରେମୀ ଲକ୍ଷ୍ମଣ ଗଡଡ, ଉଦେନାଥ ଭୋଇ, ଗୋପାଳ ପ୍ରଧାନ, ଉଗ୍ରେସନ ଭୋଇ, ବିଘ୍ନରାଜ ଭୋଇ, ପଙ୍କଜ କରୁଆଁ, ଲୋକନାଥ କରୁଆଁ ଉପସ୍ଥିତ ରହି ସହଯୋଗ କରିଥିଲେ। ଭାଗବତ ଟୁଙ୍ଗୀର କଳାକାରମାନଙ୍କ ଦ୍ୱାରା ଖଜଣି ଭଜନ ଓ ତ୍ରିନାଥ ମନ୍ଦିର କମିଟି ତରଫରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା ।

## ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

ଟିଟିଲାଗଡ଼,୨୧।୯(ଡି.ଏନ.ଏ.): ଟିଟିଲାଗଡ ସ୍ୱାଧୀନପଡା ଗୋପାଳଜୀ ମଣ୍ଡପ ସାର୍ବଜନୀନ ଦୁର୍ଗାପୂଜା କମିଟିର ୫୯ତମ ଦୁର୍ଗାପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ଅଶୋକ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବୁଲବୁଲ ମେହେର ଗତବର୍ଷର ଆୟବ୍ୟୟ ପଠନ କରିଥିଲେ। ଏହାପରେ ଗତବର୍ଷର ପୁରୁଣା କମିଟିକୁ ଭାଙ୍ଗି ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ସଭାପତିଭାବେ ସତ୍ୟବ୍ରତ ପଣ୍ଡା, ସମ୍ପାଦକ ସୁରଜ ବେହେରାମ୍, ଉପସଭାପତି ପ୍ରେମ ବିଶି , ସହସମ୍ପାଦକ ଅମନ ସେଠ ଓ ସଦା ସୁନାନୀ ଏବଂ କୋଷାଧକ୍ଷ ଭାବେ ସତ୍ୟ ନାରାୟଣ ଗୁପ୍ତ ଙ୍କୁ ଚୟନ କରାଯାଇଥିଲା। ଡାକ୍ତର ବିଜୟ ବେହେରା, ରମେଶ ବେହେରା, ତିଳକ ସାହୁ, ରାମନାଥ ସେଠ, ବୁଲବୁଲ ମେହେର, ଚନ୍ଦ୍ରଶେଖର ନାୟକ, ଅକ୍ଷୟ ବେହେରା, ଅଶୋକ ବେହେରା, ବଂଶୀଧର ବେହେରା, ପ୍ରକାଶ ସାହୁ, ଆନନ୍ଦ ବେହେରା, ରାଜେଶ ବେହେରା ପ୍ରମୁଖ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। କୋଭିଡ ଗାଇଡ ଲାଇନ ଅନୁଯାୟୀ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ କରିବାକୁ ନିଷ୍ପତ୍ତି ହେଇଥିଲା।

# ଦବିଲା ନିର୍ମାଣାଧୀନ ଇନ୍‌ଟେକ୍ ୱେଲ

ଖପ୍ରାଖୋଲ,୨୧।୯ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତ ହିର୍ଲି ଏବଂ ଲୁହୁରେଟ ଗାଁର ନିର୍ମାଣାଧୀନ ଇନଟେକ ୱେଲ ବନ୍ୟା ପାଣିରେ ଦବି ଯାଇଛି । ହିର୍ଲି ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ସୁକତେଲ ନଦୀରେ ୧୩ ଲକ୍ଷ ଟଙ୍କା ବ୍ୟୟବରାଦରେ ଇନଟେକ ୱେଲ ନିର୍ମାଣାଧିନ ଥିଲା । ହେଲେ ଗତ ବନ୍ୟାରେ ଏହା ଉପରେ ବଢି ପାଣି ମାଡି ଯିବାରୁ ଗୋଟିଏ ପାଖ ଦବି ବଙ୍କା ହୋଇଯାଇଛି । ସେହିପରି ଲୁହୁରେଟ ଗାଁକୁ ଜଳ ଯୋଗାଣ ପାଇଁ ସୁକତେଲ ନଦୀରେ ୧୫ ଲକ୍ଷ ବ୍ୟୟବରାଦରେ ଇନଟେକ ୱେଲ ନିର୍ମାଣାଧୀନ ଥିଲା। ବଢି ପାଣିରେ ଦବି ଗୋଟିଏ ପାଖକୁ ଢଳି ଯାଇଛି । ଏହି କାମର ଅଧା ବିଲ ଉଠିଛି । ଏ ନେଇ ଖପ୍ରାଖୋଲ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପଧାନଙ୍କୁ ପଚାରିବାରୁ ସ୍ଥାନୀୟ ଲୋକଙ୍କ ମତାମତ ଅନୁସାରେ ସ୍ଥାନ ଚିହ୍ନଟ କରାଯାଇ କାମ ହୋଇଛି । ଭଲ କାମ ହୋଇଥିଲା । ବଢି ଯୋଗୁଁ ଏଭଳି ହୋଇଛି। ପାଣି କମିଲା ପରେ ପୁଣି କାମ ହେବ ବୋଲି ସେ କହିଛନ୍ତି।



ଲୁହୁରେଟ ଗାଁ ପାଇଁ ସୁକତେଲ ନଦୀରେ ନିର୍ମାଣାଧୀନ ଇନଟେକ ୱେଲ ଢଳି ପଡିଛି ।

# ବ୍ୟବସାୟୀଙ୍କୁ ମାଡ଼ମାରି ଟଙ୍କା ଲୁଟ୍

ସଇଁତଲା,୨୧।୯(ଡି.ଏନ.ଏ.)

**ସଇଁତଲା ବନ୍ଦ ପାଇଁ ବଣିକ ସଂଘ ସଜବାଜ**

ବଲାଙ୍ଗୀର ଜିଲା ସଇଁତଲା ନବୀନ ଛକରେ କିରାନା ଦୋକାନ ଦେଇଥିବା ବ୍ୟବସାୟୀ ହଂଶୁ ରଣା ଲୁଟ୍‌ର ଶିକାର ହୋଇଛନ୍ତି। ଦୋକାନ ବନ୍ଦ କରି ସୋମବାର ରାତିରେ ସେ ସାଇକେଲରେ ଜାମପଦରସ୍ଥିତ ଘରକୁ ଫେରୁଥିବା ବେଳେ ବିବିନା ଛକରେ ବାଇକରେ ଆସି ଦୁଇଜଣ ଯୁବକ ତାଙ୍କୁ ଧକ୍କା ଦେଇଥିଲେ। ସେ ତଳେ ପଡି ଯିବା ପରେ ଏକ ମାମଣାସ୍ତ୍ରରେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କ ପାଖରେ ଥିବା ଦୋକାନରେ ବିକ୍ରି ବାବଦ ୧୦ହଜାର ପାଞ୍ଚଶହ ଟଙ୍କା ଛଡାଇ ନେଇଥିଲେ। ହଂଶୁଙ୍କ ଚିତ୍କାର ଶୁଣି ସେଠରେ ଲୋକେ ପହଞ୍ଚି ଯିବାରୁ ଦୁର୍ବୃତ୍ତମାନେ ବାଇକ ଛାଡି ପଳାଇଥିଲେ। ପୋଲିସ ଉକ୍ତ ବାଇକ(ନଂ.ଓଆର ୦୩ ଏଲ ୪୯୧୯)କୁ ଜବତ କରିଛି। ଘଟଣାକୁ ନେଇ ହଂଶୁ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ଜଣେ ଶିକ୍ଷୟିତ୍ରୀଙ୍କଠାରୁ ଦୁର୍ବୃତ୍ତ ୨ଲକ୍ଷ ଟଙ୍କା ଲୁଟି ନେଇଥିଲେ। ସଇଁତଲାରେ ଦିନକୁ ଦିନ ବୃଦ୍ଧି ପାଉଥିବା ଲୁଟ୍‌ପାଟ୍‌କୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ମା ଚଣ୍ଡେଶ୍ୱରୀ ବଣିକ ସଂଘ। ପୋଲିସର ନିଷ୍କ୍ରିୟତାକୁ ନେଇ ଆଗାମୀ ଦିନରେ ସଇଁତଲା ବନ୍ଦ କରିବାକୁ ବଣିକ ସଂଘ ସଜବାଜ ହେଉଥିବା ସଭାପତି ତରୁଣ ବେହେରାଙ୍କ ସୂତ୍ରରୁ ପ୍ରକାଶ।



ଲୁଟେରାଙ୍କ ଆକ୍ରମଣରେ ଆହତ ହଂଶୁ ରଣା।

# ୨୬ ନମ୍ବର ଜାତୀୟ ରାଜପଥରେ ଖାଲ

କୋକସରା,୨୧।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ଚିଲିଗୁଡା ବସଷ୍ଟାଣ୍ଡ ଓ କୁସୁମଖୁଣ୍ଟି କଲୋନୀପଡା ନିକଟ ୨୬ ନଂ ଜାତୀୟ ରାଜପଥରେ ଗର୍ତ୍ତ ସୃଷ୍ଟି ହୋଇଛି । ଯାହା ଫଳରେ ଏହି ରାସ୍ତାରେ ଯିବାଆସିବା କରିବାରେ ଅସୁବିଧା ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି । ବିଶେଷ କରି ବାଇକ୍ ଚାଳକମାନେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ବରଗଡ଼ରୁ ବୋରିଗୁମ୍ମାକୁ ସଂଯୋଗ କରୁଥିବା ଏହି ରାଜପଥରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡି ମୋଟର ଯାତାୟାତ କରୁଛି। ତେବେ ରାସ୍ତାରେ ଖାଲ ହେବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ ବିଭାଗୀୟ ଅଧିକାରୀ ନିଦାବିଷ୍ଟ ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଚିଲିଗୁଡା ଗ୍ରାମର ଅଭିମନ୍ୟୁ ଗୋପାଳ, ମୁକ୍ତେଶର ନାଗ, ଉତ୍ତମ ପଣ୍ଡା, ଧନେଶ୍ୱର ଗୋପାଳ, ରଜନୀକାନ୍ତ ପଣ୍ଡା, ତୁଳସୀ ରାମ ନିଆଲ, ନରେନ୍ଦ୍ର ସିଂ ପ୍ରମୁଖ ରାସ୍ତା ମରାମତି ପାଇଁ ଦାବି କରିଛନ୍ତି । ଏ ନେଇ କେସିଙ୍ଗା ଜାତୀୟ ରାଜପଥ ବିଭାଗୀୟ ସହକାରୀ ଯନ୍ତ୍ରୀ ଏସ.ଆର୍ ମଲ୍ଲିକଙ୍କ ପ୍ରତିକ୍ରିୟା ନେବାରୁ ଆମ ପାଖରେ ଖବର ନ ଥିଲା । ଯଥାଶୀଘ୍ର କୁସୁମଖୁଣ୍ଟି ଓ ଚିଲିଗୁଡା ନିକଟରେ ଥିବା ଗର୍ତ୍ତ ମରାମତି କରାଯିବ ବୋଲି ପ୍ରକାଶ କରିଛନ୍ତି ।



ରାସ୍ତାରେ ହୋଇଥିବା ଖାଲ ।

## କୋଭିଡ୍‌କୁ ପରାସ୍ତ କରିବା ପାଇଁ ସଚେତନତା

ନୂଆପଡା ଅଫିସ,୨୧।୯

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ପିଆଇବି ବିଭାଗର ସହଯୋଗରେ ୟୁନିସେଫ ଦ୍ୱାରା କଳାହାଣ୍ଡି ଓ ନୂଆପଡା ଜିଲାରେ କୋଭିଡ୍ ଏବଂ ଟିକାକରଣ ଉପରେ ଏକ ଭର୍ଚୁଆଲ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରେସ ସୂଚନା ବ୍ୟୁରୋ ରାଜେନ୍ଦ୍ର ଚୌଧୁରୀ, ଆଞ୍ଚଳିକ ଆଉଟରିଚ ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର,ଏଡିପିଏଚଓ (ଏଫଡବ୍ଲୁ)ନୂଆପଡା ବିନୋଦ ବିହାରୀ ରଥ, ରାଜ୍ୟ ପ୍ରତିଷେଧକ ଅଧିକାରୀ ଡ.ନୀଳମାଧବ ସତପଥି, ଏଡିପିଏଚଓ (ଏଫଡବ୍ଲୁ) କୋରାପୁଟ ଡ. ଶଶିଭୂଷଣ ପଣ୍ଡା, ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଆରଆଇ ରାଧିକା ଶ୍ରୀବାସ୍ତ, ୟୁନିସେଫ ଓଡିଶା ଯୋଗାଯୋଗ ବିଶେଷଜ୍ଞ ଡ.ଅନୀଲ ପଟ୍ଟନାୟକ, ସ୍ୱାସ୍ଥ୍ୟ ବିଶେଷଜ୍ଞ ୟୁନିସେଫ ଓଡିଶା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଭିଡ୍‌ର ଉପଯୁକ୍ତ ଆଚରଣ ଏବଂ ଅଧିକାଂଶ ଲୋକଙ୍କୁ ଟିକାକରଣ ପ୍ରତି ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୟୁନିସେଫ ଓଡିଶାର ଯୋଗାଯୋଗ ବିଶେଷଜ୍ଞ ଶ୍ରୀବାସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କରୋନା ମହାମାରୀ ସମୟରେ ସୂଚନା ଦେବାରେ ଗଣମାଧ୍ୟମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଅପହଞ୍ଚ ଅଞ୍ଚଳ ଏବଂ ଆଦିବାସୀ ସମ୍ପ୍ରଦାୟ, ଯେଉଁମାନେ କି ନିୟମିତ ସୂଚନା ପାଇ ପାରନ୍ତି ନାହିଁ । ଜ୍ଞାନର ଅଭାବ ସହିତ ଭୁଲ ତଥ୍ୟ ଓ ଅନ୍ଧବିଶ୍ୱାସର ପ୍ରସାର ଜନସାଧାରଣଙ୍କ ମଧ୍ୟରେ ଭୟ ଓ ଟିକାର ଦ୍ୱନ୍ଦ ବଢାଇ ଥାଏ । ତେଣୁ ଗଣମାଧ୍ୟମ ଆଦିବାସୀ ଅଞ୍ଚଳକୁ ଠିକ ସୂଚନା ପ୍ରଚାର କରିବାରେ ସୁନିଶ୍ଚିତ କରିବା ଉଚିତ। ନୂଆପଡାରେ ହୋଇଥିବା ଟିକାକରଣ ଡ୍ରାଇଭରେ ଯୋଗଦେଇ ନୂଆପଡା ଏଡିପିଏଚଓ(ଏଫଡବ୍ଲୁ)ରଥ କହିଛନ୍ତି ଆଜି ପର୍ଯ୍ୟନ୍ତ ନୂଆପଡାରେ ୭୮ ପ୍ରତିଶତ ଅର୍ଥାତ ୨,୦୦,୨୩୧ ଲୋକଙ୍କୁ ସଫଳତାର ସହିତ ଟିକାକରଣ କରାଯାଇଛି। ସେଥିମଧ୍ୟରୁ ମାତ୍ର ୨ଟି ଲୋକଙ୍କ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିଛି। ଜିଲାରେ ୭୩୬୦ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୨୩୮୪ ଜଣଙ୍କୁ ଟିକାକରଣ କରାଯାଇଛି । ଟିକା ସକରାତ୍ମକ ଫଳାଫଳ ଦେଖାଉଛି ଏବଂ ଟିକାକରଣ କରିବାରେ ଅଧିକ ଲୋକ ଆଗକୁ ଆସିବା ଉଚିତ ବୋଲି ମତ ଦେଇଥିଲେ ।

# ୧୨ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଲୋଇସିଂହା,୨୧।୯(ଡି.ଏନ.ଏ.)

**ବିନ୍ଧାପାଲି ହତ୍ୟା ମାମଲା**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବିନ୍ଧାପାଲି ଗାଁରେ ଜମି ବିବାଦକୁ ନେଇ ୨୦୦୯ ମସିହାରେ ଏକ ହତ୍ୟାକାଣ୍ଡ ଘଟିଥିଲା । ଗ୍ରାମର ମୂରଲୀ ସେଠ ହତ୍ୟାର ଶିକାର ହୋଇଥିଲେ । ଏହି ଘଟଣାରେ ଅଭିଯୁକ୍ତ ନାରାୟଣ ସେଠ(୪୨) ଘଟଣା ପରଠାରୁ ଫେରାର ଥିଲେ । ଦୀର୍ଘ ୧୨ବର୍ଷ ପରେ ତାଙ୍କୁ ଲୋଇସିଂହା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଦଫା ୧୪୭, ୧୪୮, ୨୯୪, ୩୦୨, ୩୦୭, ୩୨୩, ୧୪୯ ଆଇପିସିରେ ମାମଲା (ନଂ.୧୮୮/୨୦୦୯) ରୁଜୁ ହୋଇଥିବା ଆଇଆଇସି ରମାକାନ୍ତ ଜେନା କହିଛନ୍ତି।

ପୋଲିସ ସୂଚନାତେ, ୨୦୦୯ ନଭେମ୍ବର ୨୯ ତାରିଖରେ ବିନ୍ଧାପାଲି ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ଗ୍ରାମର ମୂରଲୀ ସେଠଙ୍କୁ ହତ୍ୟା କରାଯାଇଥିଲା। ଅଭିଯୋଗ ଆଧାରରେ ୧୧ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ସେତେବେଳେ ଗୌତମ ସେଠ, ରାଧାଗୋବିନ୍ଦ ସେଠ, କେଡା ସେଠ, ନିଧି ସେଠ, ଯୁଗଳ ସେଠ, ହିଦ୍ରେ ସେଠ, ଶିବ ସେଠ, ଘମଣ୍ଡୁ ସେଠ, ରମେଶ ସେଠ ଓ ଜୟନାରାୟଣ ସେଠଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଥିଲା । କେବଳ ନାରାୟଣ ପୋଲିସକୁ ଚକମା ଦେଇ ଫେରାର ହୋଇଯାଇଥିଲେ । ପୋଲିସ ଆଖିରେ ଧୂଳି ଦେଇ ଘୁରି ବୁଲିଥିବା ନାରାୟଣଙ୍କୁ ଲୋଇସିଂହା-ପଦ୍ମପୁର ରାସ୍ତାର କରକଟିଆ ଛକରେ ସୋମବାର ବୁଲାବୁଲି କରୁଥିବା ଜାଣିବାକୁ ପାଇ ଗିରଫ କରିଥିବା ଆଇଆଇସି ଜେନା କହିଛନ୍ତି।



ଗିରଫ ଅଭିଯୁକ୍ତ ନାରାୟଣ ସେଠ।

# ବେଲପଡ଼ା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି



ତହସିଲଦାର ପ୍ରଶାନ୍ତି ପଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବେଲପଡା,୨୧।୯(ଡି.ଏନ.ଏ.)

**ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟା ଗ୍ରାମବାସୀ ଧୁମାଭଟା ତଥା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ବନମାଳୀ ନାଏକଙ୍କ ନେତୃତ୍ୱରେ ମଙ୍ଗଳବାର ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧୁମାଭଟାର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା । ଏଥିସହ ଧୁମାଭଟା ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତାରୋକୋ କରିଥିଲେ ଆନ୍ଦୋଳନକାରୀ। ଘଟଣାସ୍ଥଳରେ ବେଲପଡା ତହସିଲଦାର ପ୍ରଶାନ୍ତି ପଧାନ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ୨୦୨୧ବର୍ଷକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଓ ବୀମା ପ୍ରଦାନ, ପ୍ରତ୍ୟେକ ଚାଷୀ ପରିବାରକୁ ମାସକୁ ୧୦ହଜାର ଟଙ୍କା ଲେଖାଏଁ ସହାୟତା, ସମସ୍ତ ସରକାରୀ ବେସରକାରୀ ସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ଫି ସହ ଅନ୍ୟାନ୍ୟ ଖର୍ଚ୍ଚ ଛାଡ କରିବାକୁ ଉଲ୍ଲେଖ ରହିଛି । ଏହି ଆନ୍ଦୋଳନରେ ସୁଶିଲ କୁମାର ବୁଡେକ, ଶ୍ରୀକାନ୍ତ ନାଏକ, ସୁଶାନ୍ତ ସାହୁ, ପୀତାମ୍ବର ରଣା, ତୀର୍ଥ ସାହୁ,କମଲୋଚନ ନାଏକ, ଡିଙ୍ଗର ବୁଡେକ, ତରଣୀ ବାଗ୍, ଭାବଗ୍ରାହୀ ବୁଡେକ ପ୍ରମୁଖ ସାମିଲ ହୋଇଥିଲେ ।

# ଜାତୀୟ ପୁଷ୍ଟିପୋଷଣ ମାସ ପାଳିତ



ଜାତୀୟ ପୋଷଣ ମାସରେ ଆୟୋଜିତ ପ୍ରଦର୍ଶନୀ ମେଳା।

ଲୋଇସିଂହା,୨୦।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ଓ ନୁନିଆଁପାଲି ପଞ୍ଚାୟତ ଅଞ୍ଚଳରେ ଜାତୀୟ ପୁଷ୍ଟି ପୋଷଣ ମାସ ମଙ୍ଗଳବାର ପାଳିତ ହୋଇଯାଇଛି। ନଅଗାଁ(ଖ)ପଲ୍ଲୀ ଆଲୋକ ପାଠାଗାର ଓ ଏଏସଡବ୍ଲୁର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମାଞ୍ଚଳରେ ବୈଠକ ଆୟୋଜନ କରି ସୁସ୍ଥ ଜୀବନ ପାଇଁ ପୋଷଣ ତତ୍ତ୍ୱର କେତେ ଗୁରୁତ୍ୱ ଅଛି ତାହା ପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ନିଜ ଅଞ୍ଚଳରେ ସହଜରେ ଉପଲବ୍ଧ ହେଉଥିବା ପୋଷଣଯୁକ୍ତ ସବୁଜ ପନିପରିବା, ଶାଗ, ଶସ୍ୟ ଜାତୀୟ ଦ୍ରବ୍ୟର ଷ୍ଟଲ ପ୍ରଦର୍ଶନ କରି ପୋଷଣ ଉପରେ ସଚେତନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନୱାଡି, ଆଶାକର୍ମୀ, ଗର୍ଭବତୀ, ପ୍ରସୂତି ମହିଳା, ଶିଶୁ ଏବଂ କିଶୋରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଭାଜପାର ସେବା, ସମର୍ପଣ ଅଭିଯାନରେ ରକ୍ତଦାନ ଶିବିର

ଦେଓଗାଁ, ୨୧।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ଭାଜପାର ସେବା ଓ ସମର୍ପଣ ଅଭିଯାନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବମୋର୍ଚ୍ଚା ଉପସଭାପତି ଭୋଳାନାଥ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ଯୁବମୋର୍ଚ୍ଚା ଜିଲା ସଭାପତି ସୁଶାନ୍ତ ଦାସ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପଙ୍କଜିନି ପଣ୍ଡା, ସୁଦିପ ସା, ନରସିଂହ ସିଂ, ପବିତ୍ର ସାହୁ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ୪୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । କାର୍ଯ୍ୟକ୍ରମକୁ ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ଯୁଗେଶ୍ୱର ପଧା. ସୁରେଶ ଭୋଇ, ଶଶୀ ପାଣିଗ୍ରାହୀ, ଅଶୋକ ସାଏ, ଅମର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

# ନୂଆପଡ଼ାରେ ହାତୀ: ଲୋକେ ଆତଙ୍କିତ

ନୂଆପଡ଼ା ଅଫିସ୍, ୨୧।୯

ନୂଆପଡା ଜିଲା ଖରିଆର ରୋଡ ବନାଞ୍ଚଳର ପରକୋଡ ଅଞ୍ଚଳରେ ଦୁଇ ଗୋଟି ବଣୁଆ ହାତୀ ବୁଲୁଥିବା ଦେଖି ଲୋକେ ଆତଙ୍କିତ ହୋଇପଡିଛନ୍ତି। ପରକୋଡ ବିଟ ଅଞ୍ଚଳର ଚୁହୁରା ଓ ରାନୀଦରା ଗାଁ ପାଖରେ ୨ଟି ବଣୁଆ ହାତୀ ବୁଲୁଥିବା ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ହାତୀକୁ ସୁରକ୍ଷା ଦେବା ସହିତ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ହାତୀ ପାଖକୁ ଯାଆନ୍ତୁ ନାହିଁ କିମ୍ବା ଭୟଭୀତ କରନ୍ତୁ ନାହିଁ। ନିଜେ ମଧ୍ୟ ଭୟ କରିବାର ନାହିଁ। ହାତୀକୁ ଘଉଡାଇବା ପାଇଁ ବ୍ୟବସ୍ଥା କରାଯାଉଛି। ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। କ୍ଷୟକ୍ଷତିର ଆକଳନ କରା ଯାଇନାହିଁ। ହାତୀ ଜୋଙ୍କ ନଦୀ ପାରହୋଇ ଛତିଗଡ଼ ରାଜ୍ୟ ପଟେ ଯାଉଛନ୍ତି। ଗୋଟେ ମାଈ ଓ ଗୋଟେ ଦନ୍ତା ହାତୀ ବୋଲି ଜଣାପଡିଛି ବୋଲି ରେଞ୍ଜର ନିରଞ୍ଜନ ମାଝି ପ୍ରକାଶ କରିଛନ୍ତି।



ରାସ୍ତା ଅତିକ୍ରମ କରି ହାତୀ ଜଙ୍ଗଲ ଭିତରକୁ ପ୍ରବେଶ କରୁଛି।

